## ସଂକ୍ଷେପରେ

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ
### ଜାରି ହେଲା ନୂତନ ନୋଟିସ

ବ୍ରହ୍ମପୁର ଅଫିସ,୨୦।୪- ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଫଳ ନେଇ ଅସନ୍ତୋଷ ଥିବା ଛାତ୍ରୀଛାତ୍ରଙ୍କ ମଙ୍ଗଳବାର ବହୁ ସମୟ ଧରି କୁପଳପତିଙ୍କ କାର୍ଯ୍ୟାଳୟ ଅଗାରେ ଧାରଣା ପରେ ବୁଧବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ନୋଟିସ ଜାରି ହୋଇଛି। ବୁଧବାର ପ୍ରକାଶିତ ନୋଟିସ ଅନୁସାରେ, ୟୁଜିସି ଦ୍ୱାରା ପୂର୍ବନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଫଳ ପୁନଃ ପ୍ରକାଶ ପାଇବ ନେଇ ଉଲ୍ଲେଖ ହୋଇଛି। ଏବଂ ପ୍ରଥମ ସେମିଷ୍ଟର ବେକ ପେପର କ୍ଲିୟର ପରେ ଛାତ୍ରୀଛାତ୍ରଙ୍କ ପ୍ରଥମ ସେମିଷ୍ଟର ମାର୍କ ଆଧାରରେ ଦ୍ୱିତୀୟ ସେମିଷ୍ଟାର ମାର୍କ କରାଯାଇ ପୁନର୍ବାର ପରୀକ୍ଷା ଫଳ ପ୍ରକାଶ ପାଇବା ସମ୍ପର୍କରେ ନୋଟିସରେ ଉଲ୍ଲେଖ ରହିଛି।

### ରମ୍ଭା ଥାନାରେ ଯୁବକଙ୍କ ଏତଲା
### ଗଞ୍ଜାମ ତହସିଲଦାର ଚାପୁଡ଼ା ମାରିବା ଘଟଣା

ଛତ୍ରପୁର,୨୦।୪(ଡି.ଏନ୍.ଏ.)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ସିପକୁଦା ଗ୍ରାମର ଅରଣ୍ୟ କୁମାର ନାହାକଙ୍କୁ ଗତ ୧୩ ତାରିଖରେ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ଘେରିବା ସହ କୈଫତ ମାଗିଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ଅରଣ୍ୟ ବୁଧବାର ତହସିଲଦାରଙ୍କ ନାଁରେ ରମ୍ଭା ଥାନାରେ ଏତଲା ଦେଇଛନ୍ତି। ଏଥିସହ ଅରଣ୍ୟ ଓ ତାଙ୍କ ଗାଁଲୋକେ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅରଣ୍ୟ ଜଣାଇଛନ୍ତି ଯେ, ତହସିଲଦାର ମୋର ସମ୍ମାନ ହାନି କରିଛନ୍ତି। ଉକ୍ତ ଘଟଣା ପରଠାରୁ ଅସୁସ୍ଥ ଅଛି। ମାନସିକ ଅବସ୍ଥା ଭଲ ନାହିଁ। ତହସିଲଦାର ସରକାରୀ ଗାଡ଼ିରେ ଦ୍ରୁତ ଗତିରେ ସିପକୁଦା ଦେଇ ଯାଉଥିବା ବେଳେ ବିଲରୁ ଫେରୁଥିଲି। ଗାଡିଟିକୁ ଦ୍ରୁତ ଗତିରେ ଆସୁଥିବା ଦେଖି ହାତମାରି ଧୀରେ ଚଲେଇବାକୁ କହିଥିଲି। ସେ ସମୟରେ ସ୍କୁଲରୁ ପିଲା ଫେରୁଥିବାରୁ ଏପରି କହିଥିଲି ବୋଲି ଅରଣ୍ୟ କହିଛନ୍ତି। ଏଥିରେ ତହସିଲଦାର ଉତ୍ତ୍ୟକ୍ତ ହୋଇ ଅରଣ୍ୟଙ୍କୁ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ତହସିଲଦାର ପେଟ୍ରୋଲ ପମ୍ପରେ ଜଣେ ଯୁବକଙ୍କୁ ଉଠବସ କରାଇ ବିବାଦରେ ରହିଥିଲେ।

### ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲା
### ଅଭିଯୁକ୍ତ ଯୁବକଙ୍କୁ ୫ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୦।୪-ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ଟାଉନ ଥାନା ଅଞ୍ଚଳର ଗଗନ ନାୟକ(୩୪)।

୨୦୧୬ ନଭେମ୍ବର ୧୯ ତାରିଖରେ ଫୁଲବାଣୀ ଟାଉନ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତ ଗଗନ ଘରେ ପଶି ତାଙ୍କ ସହ ବଳାତ୍କାର କରିଥିଲେ। ପୂର୍ବରୁ ମଧ୍ୟ ଆଉଥରେ ବଳାତ୍କାର ଉଦ୍ୟମ କରୁଥିବା ବେଳେ ଧରା ପଡିଥିଲେ। ଏହା ଜଣାପଡିବା ପରେ ପୀଡିତାଙ୍କ ମା' ଟାଉନ ଥାନାରେ ଏତାଲା ଦେଇଥିଲେ। ପୋଲିସ ନଂ.୨୩/୧୬ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ଗୋପାଳପୁର ବିଜେଡି ରାଜନୀତିରେ ଗୋପବନ୍ଧୁ

■ ଆଗାମୀ ନିର୍ବାଚନରେ ହେବେ କି ବିଧାୟକ ପ୍ରାର୍ଥୀ
■ ଦୃଶ୍ୟପଟରେ ନ ଥିବା ମହିଳାଙ୍କୁ ନେଇ ଚର୍ଚ୍ଚା

ବ୍ରହ୍ମପୁର ଅଫିସ,୨୦।୪

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ରାଜନୀତିରେ ସକ୍ରିୟ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ। ସେଠାର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହେବା ପରେ ଗୋପବନ୍ଧୁ ଦାୟିତ୍ୱ ମୁଣ୍ଡାଇଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେହି ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ୩୭ ପଞ୍ଚାୟତ ମଧ୍ୟରୁ ୩୦ରୁ ଅଧିକ ଏବଂ ୪ଟି ଯାକ ଜିଲା ପରିଷଦ ଜୋନ୍ ବିଜେଡି ଦଖଲ କରିଥିବାରୁ ସେ ଦକ୍ଷତା ଦେଖାଇଛନ୍ତି। ପୌର ନିର୍ବାଚନରେ ମଧ୍ୟ ଗୋପାଳପୁର ଏନ୍ଏସି ପୁଣି ଶାସକ ଦଳ ସପକ୍ଷରେ ଯାଇଛି। ତେଣୁ ତାଙ୍କୁ ନେଇ ବିଭିନ୍ନ ମହଲରେ ଚାଲିଛି ରାଜନୈତିକ ଚର୍ଚ୍ଚା।

ଗୋପବନ୍ଧୁ ଶେରଗଡ଼ ବ୍ଲକ ବାସିନ୍ଦା ଏବଂ ତାଙ୍କ ଚାକିରି କାଳରେ ଜିଲାର ବିଭିନ୍ନ ବ୍ଲକରେ ଅଧିକାରୀ ଥିଲେ। ମୁଖ୍ୟତଃ ହିଞ୍ଜିଳିକାଟୁ ବିଡିଓ ଥାଇ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ବିକାଶ ଘଟାଇଥିଲେ। ଅବସର ନେବା ପରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ହୋଇଛନ୍ତି। ଏକଦା ପ୍ରଦୀପ ପାଣିଗ୍ରାହୀଙ୍କ ବିଜେଡି ରାଜନୀତି ଓ ସରକାରରେ ବିଶେଷ ପ୍ରଭାବ ରହିଥିଲା। ୨୦୨୦ ଡିସେମ୍ବରରୁ ସେ ବିବାଦୀୟ ହୋଇଯାଇଛନ୍ତି ଏବଂ ବିଭିନ୍ନ ମାମଲାରେ ଛନ୍ଦି ହୋଇଛନ୍ତି। ତାଙ୍କ ପରବର୍ତ୍ତୀ ରାଜନୀତି କ'ଣ ହେବ ତାହା ମଧ୍ୟ ଗୋପାଳପୁର ସମେତ ବିଭିନ୍ନ ସ୍ଥାନରେ ଲୋକେ ଆଲୋଚନା କରୁଛନ୍ତି। ଦୀର୍ଘ ୧୫ ମାସ ହେବ ପାଣିଗ୍ରାହୀ ନିର୍ବାଚନମଣ୍ଡଳୀକୁ ଆସୁନାହାନ୍ତି। ବ୍ରହ୍ମପୁର ମହାନଗରରେ ଗୋପାଳପୁର ନିର୍ବାଚନମଣ୍ଡଳୀର ୬ ୱାର୍ଡ ରହିଛି। ସଦ୍ୟ ସମାପ୍ତ ପୌର ନିର୍ବାଚନରେ ଗୋପବନ୍ଧୁ ଏହି ୬ ୱାର୍ଡରେ ପ୍ରାର୍ଥୀ ମନୋନୀତ ସାଙ୍ଗକୁ ନିର୍ବାଚନ କାର୍ଯ୍ୟ ତଦାରଖ କରିଥିଲେ। ମେୟର ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ହୋଇଥିବାରୁ ୨୦୧୩ ଫର୍ମୁଲା ଭଳି ଡେପୁଟି ମେୟର ଗୋପାଳପୁର ଭାଗରେ ପକାଇବାରେ ଦାଶ ସଫଳ ହେଲେ। ଡେପୁଟି ମେୟର ପାଇଁ ଦୁଇ ତିନିଜଣ ଅତି ଆଶାୟୀ ଥିବା ସତ୍ତ୍ୱେ ଗୋପାଳପୁର ଅଞ୍ଚଳର ୪୨ନଂ. ୱାର୍ଡରୁ ନିର୍ବାଚିତ ବିଜେଡି କର୍ପୋରେଟର ଇ.ବିବେକ ରେଡ୍ଡୀଙ୍କୁ କରାଇବାରେ ଦାଶଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ଜିଲା ବିଜେଡି ସଭାପତି ଓ ଅନ୍ୟମାନଙ୍କୁ ତଟସ୍ଥ କରି ଦେଇଥିଲା। ସୂଚନାଯୋଗ୍ୟ, ଗୋପାଳପୁର ବିଧାନସଭା କ୍ଷେତ୍ରରେ ବହୁ ସଂଖ୍ୟକ ତେଲୁଗୁ ଭୋଟର ଅଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ତେଲୁଗୁ ମହିଳା ହୋଇଥିବା ବେଳେ ଏବେ ବିଏମ୍ସି ଡେପୁଟି ମେୟର ତେଲୁଗୁ ଯୁବକ ହୋଇଛନ୍ତି। ଭୋଟ ରାଜନୀତିରେ ସହାୟକ ହେବାର ଲୋକେ ଚର୍ଚ୍ଚା କରୁଛନ୍ତି।

୨୦୨୪ରେ ସାଧାରଣ ନିର୍ବାଚନ ହେବ। ଗୋପାଳପୁରରୁ କାହାକୁ ବିଜେଡି ପ୍ରାର୍ଥୀ କରାଯିବ ସେନେଇ ଆଲୋଚନା ଚାଲିଛି। ଗୋପବନ୍ଧୁ ବିଧାୟକ ପ୍ରାର୍ଥୀ ହେବାର ମଧ୍ୟ ନିର୍ବାଚନୀମଣ୍ଡଳୀ ଲୋକେ ବିଭିନ୍ନ ଭାବରେ ତର୍ଜମା କରୁଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଅଧିକାଂଶ କ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦେଉଛନ୍ତି। ରାଜନୀତିରେ ମଧ୍ୟ ମହିଳାଙ୍କୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ବର୍ତ୍ତମାନ ରାଜନୈତିକ ଦୃଶ୍ୟପଟରେ ନ ଥିବା ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ମହିଳା ବିଧାୟକ ପ୍ରାର୍ଥୀ ହେବାର ସମ୍ଭାବନା ଥିବାରୁ ତାଙ୍କ ପାଇଁ ଗୋପବନ୍ଧୁଙ୍କ ଦ୍ୱାରା କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ରାଜନୈତିକ ସମୀକ୍ଷକ ଚର୍ଚ୍ଚା କରୁଛନ୍ତି।

### ମୋହନା, ଗୁମ୍ମା ଓ ଚନ୍ଦ୍ରଗିରି ପାଇଁ ଖବରଦାତା ଆବଶ୍ୟକ

ଗଜପତି ଜିଲା ମୋହନା ଓ ଗୁମ୍ମା ବ୍ଲକ ଏବଂ ଚନ୍ଦ୍ରଗିରି ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

## ମଦ ବିକ୍ରିକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

### ଦୁଇ ଅଭିଯୁକ୍ତ ଅଟକ, କାତି ଜବତ

ବ୍ରହ୍ମପୁର ଅଫିସ,୨୦।୪

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିରେ ଜଣେ ଯୁବକଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ପୋଲିସ ୨ ଜଣ ଯୁବକଙ୍କୁ ଅଟକ ରଖିଛି। ଅଟକ ଅଭିଯୁକ୍ତମାନେ ହେଲେ କୁମୁଦ ନାୟକ ଓ ସାଗର ନାୟକ। ଏହି ଘଟଣାର ମାଷ୍ଟରମାଇଣ୍ଡ ରାଜା ନାୟକ ଫେରାର ଥିବା ପୋଲିସ କହିଛି। ଆକ୍ରମଣ ବେଳେ ବ୍ୟବହୃତ କାତି ପୋଲିସ ଜବତ କରିଛି। ମଦ ବିକ୍ରିକୁ କେନ୍ଦ୍ରକରି ଲାଗି ରହିଥିବା ଅସନ୍ତୋଷରୁ ଏହି କାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି।

ପ୍ରକାଶ ଯେ, ବେଆଇନ ମଦ ବିକ୍ରିକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ଲାଗିଥିଲା। ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ହୀନ ସେଠୀ ଗ୍ରାମଦେବତୀ ସାହି ଦେଇ ଘରକୁ ଫେରୁଥିଲେ। ଏକ ମଦ ଦୋକାନ ସମ୍ମୁଖରେ ତାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ହୀନଙ୍କ ଅଭିଯୋଗ କ୍ରମେ ୮୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଟ୍ରକ୍ ଚକା ତଳେ ଚାପି ହୋଇ ମହିଳା ମୃତ

ବ୍ରହ୍ମପୁର ଅଫିସ,୨୦।୪

ବ୍ରହ୍ମପୁରରେ ଏକ ବାଲି ବୋଝେଇ ଟ୍ରକ ଚକା ତଳେ ଚାପି ହୋଇ ବୁଧବାର ମଧ୍ୟାହ୍ନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ମହିଳାଙ୍କ ସ୍ୱାମୀ ଓ ତାଙ୍କ ଶିଶୁକନ୍ୟା ବର୍ତ୍ତି ଯାଇଛନ୍ତି। ମୃତ ମହିଳା ଜଣକ ବୋରିଗାଁର ଶଙ୍କର୍ଷଣ ସାହୁଙ୍କ ସ୍ତ୍ରୀ ଜ୍ୟୋତି(୨୨)। ନିମଖଣ୍ଡି ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିଛି। ଅଭିଯୋଗ ପରେ ଏନେଇ ଥାନାରେ ନଂ.୧୪୫/୨୨ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଉକ୍ତ ଟ୍ରକ ଜବତ କରିବା ସହ ଟ୍ରକ ମାଲିକଙ୍କୁ ଥାନାକୁ ଆସିବା ପାଇଁ ନିର୍ଦ୍ଦେଶ ଦେଇଛି। ପ୍ରକାଶ ଯେ, ଶଙ୍କର୍ଷଣ ବ୍ରହ୍ମପୁରରେ ଏକ ଭୋଜିରେ ଯୋଗଦେବା ପାଇଁ ତାଙ୍କ ସ୍ତ୍ରୀ ଜ୍ୟୋତି ଓ ୪ ବର୍ଷର ଶିଶୁକନ୍ୟାକୁ ଧରି ବାଇକ୍ (ନଂ ଓଡି୦୭ଏଜେ୦୬୦୨)ରେ ବ୍ରହ୍ମପୁର ଆସୁଥିଲେ। ଲୋଚାପଡ଼ା ମୁଖ୍ୟ ରାସ୍ତାରେ ସେ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ବାଲି ବୋଝେଇ ଟ୍ରକ (ନଂ ଓଡି୦୭ଇ୦୩୯୧) ଶଙ୍କର୍ଷଣଙ୍କୁ ଅତିକ୍ରମ କରିଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ଟ୍ରକ ଧକ୍କାରେ ବାଇକ୍ ପଛରେ ବସିଥିବା ଜ୍ୟୋତି ତଳେ ପଡ଼ିଯାଇଥିବା ବେଳେ ତାଙ୍କ ମୁଣ୍ଡ ଉପରେ ଚକ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ଏନ୍‌ସିସି ବାଟାଲିୟନ ପକ୍ଷରୁ ପୁନିତ ସାଗର ଅଭିଯାନ



ଏନସିସି କ୍ୟାଡେଟଙ୍କ ସଚେତନତା ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୨୦।୪

ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ୨ ଓଡ଼ିଶା ଆର୍ମି ଏନ୍‌ସିସି ବାଟାଲିୟନ ପକ୍ଷରୁ ପୁନିତ ସାଗର ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର କାର୍ଯ୍ୟାଳୟ ପକ୍ଷରୁ କମାଣ୍ଡିଂ ଅଫିସର କର୍ନେଲ ଭି.ବି.ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ପୁନିତ ସାଗର ଅଭିଯାନ ହୋଇଥିଲା। ଏଥିରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅଭିଯାନରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଆର୍ମି ଏନ୍‌ସିସିର ୫୦ କ୍ୟାଡେଟ ଓ ଡିଏଭି ପବ୍ଲିକ ସ୍କୁଲ ଆର୍ମି ଏନ୍‌ସିସିର ୨୫ କ୍ୟାଡେଟ ଅଭିଯାନରେ ସାମିଲ ହୋଇଥିଲେ। ଗାନ୍ଧୀନଗର ମୁଖ୍ୟ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରୁ ଏନସିସି କ୍ୟାଡେଟଙ୍କ ପୁନିତ ସାଗର ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ପତାକା ଦେଖାଇ ଶୋଭାଯାତ୍ରା ଆରମ୍ଭ କରିଥିଲେ। କ୍ୟାଡେଟମାନେ ସ୍ୱଚ୍ଛତା ବାର୍ତ୍ତା ସମ୍ବନ୍ଧୀୟ ସ୍ଲୋଗାନ ପ୍ଲାକାର୍ଡ ଧରି ନଗର ପରିକ୍ରମା ସହ ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ ଜନସାଧାରଣ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଜିପୁର ବଡ଼ବନ୍ଧ ନିକଟରେ ପହଞ୍ଚି କ୍ୟାଡେଟମାନେ ଜଳାଶୟ ସଫେଇ କରିଥିଲେ। ପୂର୍ବାହ୍ନ ୧୧ଟାରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ୟାଡେଟମାନଙ୍କୁ ପୁନିତ ସାଗର ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରପାଳ ବିଶ୍ୱବିଦ୍ୟାଳୟ ଏଏନ୍‌ଓ ଲ୍ୟୁଟନାଣ୍ଟ ଯତିନ ବିଷୋୟୀ ଓ ଡିଏଭି ପବ୍ଲିକ ସ୍କୁଲ ଏନ୍‌ସିସି ଅଧିକାରୀ ମାନସ ପଣ୍ଡା ଓ ଆର୍ମି ପିଆଇ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଟିଏଲ୍‌ଏମ୍ ମେଳା ଉଦ୍‌ଘାଟିତ

ଖଲ୍ଲିକୋଟ,୨୦।୪(ଡି.ଏନ.ଏ.)

ଖଲ୍ଲିକୋଟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ବା ଡିଆଇଇଟି ପରିସରରେ ବୁଧବାର ଗଞ୍ଜାମ ଜିଲାସ୍ତରୀୟ ଟିଏଲ୍‌ଏମ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ କିଛି ନୂତନ ଜ୍ଞାନ କୌଶଳ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଟିଏଲଏମ ବା ମୌଳିକ ସ୍ୱାକ୍ଷର ସଂଖ୍ୟାଜ୍ଞାନ ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଜ୍ଞାନ ବୃଦ୍ଧି ହେବ ବୋଲି କହିବା ସହ ମଧୁ ଆପ୍‌ରେ ପିଲାମାନଙ୍କ ଡାଉଟ୍ କ୍ଲିଅର ପାଇଁ ସୁବିଧା କରାଯିବ ବୋଲି ଜିଲାପାଳ କହିଥିଲେ। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଖଲ୍ଲିକୋଟ ଡିଆଇଇଟି ଅନୁଷ୍ଠାନର ଅଧ୍ୟକ୍ଷା ଡ.ଆହ୍ଲୁତୀ ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ଜିଲାର ସମସ୍ତ ବ୍ଲକରୁ ନିଜନିଜର ପ୍ରୋଜେକ୍ଟ ଉପସ୍ଥାପନ କରିଥିଲେ। ଏହି ଉତ୍ସବକୁ ଡିଆଇଇଟିର ବରିଷ୍ଠ ଅଧ୍ୟାପିକା ଡ.ଭୁବନେଶ୍ୱରୀ ମିଶ୍ର ସଂଯୋଜନା କରିଥିଲେ।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୨୦।୪

ଭଞ୍ଜ ବିହାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ବୁଧବାର ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ରୁଚି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଉମା ଶଙ୍କର ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଜଗଦୀଶ ପଟ୍ଟନାୟକ, ଭି.ସରୋଜିନୀ ଦେବୀ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ଉଷା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ୫୬ ନଂ. ଜୋନ୍ ଜିଲା ପରିଷଦ ଉପାଧ୍ୟକ୍ଷ ଡି.ରାଜେଶ୍ୱରୀ ଦୋରା ଉପସ୍ଥିତ ରହି ମୁକ୍ତାକାଶ ବ୍ୟାୟାମ ଶାଳା ଉଦ୍‌ଘାଟନ କରିଥିଲେ। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକସ୍ତରରୁ ପ୍ରାୟ ୫୦୦ ଜନସାଧାରଣ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ମେଗା ରକ୍ତଦାନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଅଣ ସଂକ୍ରାମକ ରୋଗୀ ଚିହ୍ନଟ ଓ ଏହାର ଉପଚାର ହୋଇଥିଲା। ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ଶିବିରରେ ଗୋପାଳପୁର, ଭଞ୍ଜବିହାର ଓ କେଲୁଆପଲ୍ଲୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କର୍ମୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ରାଜରାସ୍ତାକୁ ଗୋରୁ ଛାଡିଲେ କାର୍ଯ୍ୟାନୁଷ୍ଠାନ

ଜି.ଉଦୟଗିରି,୨୦।୪(ଡି.ଏନ.ଏ.)

ସହର ରାସ୍ତାରୁ ଗୋରୁଙ୍କୁ ନେଇ ଆୟତ୍ତରେ ରଖିବାକୁ ମଙ୍ଗଳବାର ଡାକବାଜି ଯନ୍ତ୍ର ମାଧ୍ୟମରେ ଅନୁରୋଧ କରାଯିବା ସହିତ ରାସ୍ତା ଉପରକୁ ଛାଡିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରାଯାଇଛି। ଜି.ଉଦୟଗିରି ସହରରେ ଏହି ସମସ୍ୟା ବହୁ ପୁରୁଣା ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଅଭାବରୁ ଗୋରୁ ମାଲିକମାନଙ୍କ ମନମାନି ବଢିବାରେ ଲାଗିଛି। ଏହି କାରଣରୁ ସହରରେ ଟ୍ରାଫିକ ସମସ୍ୟା ଦେଖାଦିଏ। ଏ ସବୁକୁ ଦୃଷ୍ଟିରେ ରଖି ନୂତନ ଏନ୍ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର ଗୋରୁଙ୍କୁ ବାହାରକୁ ନ ଛାଡିବାକୁ ପରାମର୍ଶ ଦେଇଛନ୍ତି।

## ଉଦ୍ୟାନ ବିଭାଗ କର୍ମଚାରୀ ନିର୍ଦ୍ଦୋଷ

### ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର ଅଫିସ,୨୦।୪

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ବୁଧବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଆସ୍କା ଉଦ୍ୟାନ ବିଭାଗ ନିମିନା ସେକ୍ଟରର ତତ୍କାଳୀନ କ୍ଷେତ୍ର କର୍ମଚାରୀ ଅନିତା କୁମାରୀ ମହାନ୍ତୁଡ଼ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶ ଯେ, ଆସ୍କା ଥାନା ଅନ୍ତର୍ଗତ ଅସୁରାଇପଲି ଗ୍ରାମର ଶ୍ରୀକାନ୍ତ କୁମାର ରାଉତ ଜାତୀୟ ଉଦ୍ୟାନ ମିଶନରେ ନିଜ ଜମିରେ ବିଭିନ୍ନ ପ୍ରକାର ଚାରା ଲଗାଇବା ପାଇଁ ଏକ ଋଣ ମଞ୍ଜୁର ହୋଇଥିଲା। ଏନେଇ ବିଭାଗ ପକ୍ଷରୁ ସେ ଏକ ଚେକ୍ ପାଇବାର ଥିଲା। ନିମିନା ସେକ୍ଟରର କ୍ଷେତ୍ର କର୍ମଚାରୀ ଅନିତା ଉକ୍ତ ଚେକ୍‌ଟି ତାଙ୍କ ଭଞ୍ଜନଗର ବାସଭବନରେ ରଖିଥିଲେ। ଆବେଦନକାରୀ ଶ୍ରୀକାନ୍ତଙ୍କୁ ଉକ୍ତ ଚେକ୍ ପାଇବାକୁ ହେଲେ ୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୨୦୧୦ ଡିସେମ୍ବର ୭ରେ ଶ୍ରୀକାନ୍ତ କ୍ଷେତ୍ର କର୍ମଚାରୀ ଅନିତାଙ୍କ ଭଞ୍ଜନଗର ବାସଭବନରେ ୧ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ଭିଜିଲାନ୍ସ ଟିମ୍ ଚଢାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଅନିତାଙ୍କୁ ଗିରଫ କରିଥିଲା। ମାମଲା ନଂ. ୫୩/୧୦ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ଅଭିଯୁକ୍ତ ଅନିତା କୋର୍ଟରେ ହାଜର ହୋଇଥିଲେ। ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ୍ ଅନିତାଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ନିମ୍ନମାନର ଛତୁଆ ପ୍ରଦାନ ନେଇ ଅସନ୍ତୋଷ

ପୁରୁଷୋତ୍ତମପୁର,୨୦।୪(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ ବିଡିଓ ବିଜୟ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପିଙ୍କି ବେହେରା ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆସ୍କା ଏମ୍‌ପି ପ୍ରମିଳା ବିଷୋୟୀ ଓ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇଥଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି ସେଣ୍ଟର ମାଧ୍ୟମରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ଅତି ନିମ୍ନମାନର ଯାହାକି ଗାଈ ଖାଇବା ଲାଗି ମଧ୍ୟ ଅନୁପଯୁକ୍ତ ବୋଲି ଜନ ପ୍ରତିନିଧିମାନେ ଅଭିଯୋଗ କରିବା ସହ ଏଥିନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରିକି ପୂର୍ବରୁ ମଧ୍ୟ ପୂର୍ବତନ ଜନପ୍ରତିନିଧିମାନେ ସମିତି ବୈଠକରେ ଛତୁଆ ନିମ୍ନମାନର ନେଇ ବାରମ୍ବାର ଅଭିଯୋଗ କରିଆସୁଥିବା ବେଳେ ବିଭାଗ ତାହାକୁ ଗୁରୁତ୍ୱ ନ ଦେଇ ଘୋଡାଇବାରେ ଲାଗିଛି। ହାଣ୍ଡିଘର, ଶିକୁଳା, ଭାଟକୁମରଡା, ବଡ ବରଗାଁ, ସି ହେଚ୍ ନୂଆଗାଁ, ଝାଡବାଇ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ ଲାଗି ସରପଞ୍ଚ, ସମିତି ସଭ୍ୟମାନେ ଦାବି କରିଥିଲେ। ଏଥିସହ ଅନ୍ୟ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଉପାଧ୍ୟକ୍ଷା ମମତା ବାରିକ, ସରପଞ୍ଚ ସୁଧାକର ଗୌଡ, ରାଜଲକ୍ଷ୍ମୀ ବେହେରା, କମା ଦଳେଇ, ସଙ୍ଗୀତା ମହାପାତ୍ର, ଦାସ ବେହେରା, ସମିତିସଭ୍ୟ ସୀମାଞ୍ଚଳ ଗୌଡ, ଆଭା ପରିଡା, ଜଗନ୍ନାଥ ପାତ୍ର, ସୁଲତା ସେଠୀ ପ୍ରମୁଖଙ୍କ ସହ ବହୁ ସରପଞ୍ଚ ଓ ସମିତି ସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଥିଲେ।

## ଡମ୍ବଡିହ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଝରଣା

ପାରଳାଖେମୁଣ୍ଡି,୨୦।୪(ଡି.ଏନ୍.ଏ.)


ଚହଲାରୁ ଲୋକେ ପିଇବା ପାଣି ସଂଗ୍ରହ କରୁଛନ୍ତି।

ପାହାଡ଼ ଶିଖରରେ ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି। ହେଲେ ପାହାଡ ତଳେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ଟାଙ୍କିରୁ ଲୋକଙ୍କୁ ପାନୀୟ ଜଳ ମିଳୁନାହିଁ। ଫଳରେ ଏବେବି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଚହଲା ପାଣି। ପାଣି ପାଇଁ ପରିତ୍ୟକ୍ତ ଚହଲା ନିକଟରେ ଲୋକଙ୍କ ଭିଡ଼ ହେଉଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଚହଲା ଉପରେ ଠିଆ ହୋଇ ବାଲ୍ଟି ସାହାଯ୍ୟରେ ପାଣି ସଂଗ୍ରହ କରୁଛନ୍ତି ଗାଁ ଲୋକେ । ଏପରକି ସେଠାରେ ହିଁ ସ୍ନାନ କରୁଛନ୍ତି ଗ୍ରାମବାସୀ । କାହା ହାତରେ ବାଲ୍ଟି ତ ଆଉ କେହି ପାଣି ଭାର କରି ନେଉଛନ୍ତି ଘରକୁ । ଆଉ କିଏ ପିଲାଙ୍କ କାନ୍ଧରେ କାନ୍ଧେଇ ତ କିଏ ଶିଶୁକୁ କାଖେଇ ଲମ୍ବା ଧାଡ଼ିରେ ପାଣି ନେଇ ଯାଉଛନ୍ତି । ଗାଁ ଠାରୁ ପ୍ରାୟ ଦେଢ଼ କିମି ଦୂର ପାହାଡ଼ ତଳକୁ ଯାଇ ପାଣି ପାଇଁ ଏଭଳି ସଂଘର୍ଷ କରୁଛନ୍ତି ଦୈନନ୍ଦିନ । ଦୀର୍ଘ ବର୍ଷ ଧରି ଏମିତି ଜଳକଷ୍ଟ ଭୋଗୁଛନ୍ତି ଗଜପତି ଜିଲା ଆର୍ ଉଦୟଗିରି ବ୍ଲକ ଅବାରସିଂ ପଞ୍ଚାୟତର ଡମ୍ବଡିହ ଉପର ସାହିର ଜନସାଧାରଣ। ଗାଁ ଠାରୁ ଅଧାକିମି ଦୂର ପାହାଡ଼ ତଳେ ଗୋଟିଏ ନଳକୂପ ସରକାର ନିର୍ମାଣ କରିଛନ୍ତି । ହେଲେ ତାହା ବି ଅଚଳ । ଫଳରେ ଏହି ଗାଁରେ ବସବାସ କରୁଥିବା ୩ ଶହରୁ ଊର୍ଦ୍ଧ୍ୱ ଆଦିବାସୀ ଲୋକେ ଦୀର୍ଘ ବର୍ଷ ହେବ ଏମିତି ଜଳକଷ୍ଟ ଭୋଗୁଥିବା ବେଳେ ନାନା ରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି । ପାନୀୟ ଜଳ ସମସ୍ୟା ଦୂରକରିବା ପାଇଁ ଗାଁର କିଛି ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯିବା ସହ କିଛି ଘର ସମ୍ମୁଖରେ ପାଇପ ମଧ୍ୟ ବିଛାଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଅନେକ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟଗୁଡିକ କାର୍ଯ୍ୟକ୍ଷମ ହେବାପୂର୍ବରୁ ଭାଙ୍ଗି ଗଲାଣି। ଗାଁଟି ପାହାଡ଼ ଉପରେ ଥିବା ବେଳେ ପାଣିଟାଙ୍କି ନିର୍ମାଣ କରାଯାଇଛି ପାହାଡ ତଳେ, ଫଳରେ ବର୍ଷ ବର୍ଷ ଧରି ପାଣି ପାଇଁ ସଂଘର୍ଷ କରୁଛନ୍ତି ଗ୍ରାମବାସୀ। ସେମାନଙ୍କ ଗାଁ ପାହାଡ ଶିଖରରେ ଥିବା ବେଳେ ପାହାଡ଼ ତଳେ କେମିତି ପାଣି ଟାଙ୍କି ନିର୍ମାଣ କଲେ ସରକାର ପ୍ରଶ୍ନ କରିବା ସହ ସମସ୍ୟାର ସମାଧାନ ପାଇଁ ନେତା ଓ ସରକାରୀ ବାବୁଙ୍କୁ ଜଣାଇ ଆସୁଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ପ୍ରହ୍ଲାଦ ସାହୁଙ୍କୁ ପଚାରିବାରୁ ସେ ସେଠାକୁ କର୍ମଚାରୀଙ୍କୁ ପଠାଇ ତଦାରଖ କରିବା ସହ ଶୀଘ୍ର ସେହି ଗାଁର ଜଳସମସ୍ୟା ଦୂର କରାଯିବ ବୋଲି କହିଛନ୍ତି।

# ଅଟକିଛି ଗଞ୍ଜାମ-କନ୍ଧମାଳ ଜିଲା ବ୍ଲକ ସଂଯୋଗ

- ଜମି ଡିମାରକେଶନ ବିଳମ୍ବ, ଆରମ୍ଭ ହୋଇପାରୁନି ରାସ୍ତା କାମ
- ଜଙ୍ଗଲ ଦେଇ ଯାତାୟାତ କରୁଛନ୍ତି ଆଦିବାସୀ

**ଛତ୍ରପୁର,୨୦।୪(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଆର୍ଥିକ ବର୍ଷରେ ଗଞ୍ଜାମ-କନ୍ଧମାଳ ଜିଲା ବ୍ଲକ ସଂଯୋଗ ଯୋଜନା ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ କେରୁବାଡି-ଆଡିପଙ୍ଗା ଭାୟା ବେଡେପଙ୍ଗା ରାସ୍ତା ନିର୍ମାଣ ପରିକଳ୍ପନା କରାଯାଇଥିଲା । ତେବେ ଉକ୍ତ ରାସ୍ତା ପାଇଁ ଆବଶ୍ୟକ ଜମି ଡିମାରକେଶନରେ ବିଳମ୍ବ ହେଉଥିବାରୁ କାମ ଆରମ୍ଭ ହୋଇ ପାରୁନାହିଁ । ଏହି ରାସ୍ତା ନିର୍ମାଣ ହେଲେ ଗଞ୍ଜାମ ଓ କନ୍ଧମାଳ ଜିଲାର ବ୍ଲକଗୁଡିକ ମଧ୍ୟରେ ସଂଯୋଗ ହୋଇପାରିବ ଏବଂ ଆଦିବାସୀ ବହୁଳ ଗାଁର ଲୋକେ ଉପକୃତ ହୋଇପାରିବେ ।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ରାସ୍ତା ନିର୍ମାଣ ପାଇଁ ମାର୍ଚ୍ଚ ୧୭ ତାରିଖରେ ଏଗ୍ରିମେଣ୍ଟ ହୋଇସାରିଛି। ତେବେ ଉକ୍ତ ରାସ୍ତାରେ ଜଙ୍ଗଲ ଜମି ଓ ସରକାରୀ ଜମି ରହିଥିବା ଏବଂ ଡିମାରକେଶନ ହୋଇ ନ ଥିବାରୁ ରାସ୍ତା କାମ ଆରମ୍ଭରେ ବିଳମ୍ବ ହେଉଛି । କନ୍ଧମାଳ ଜିଲା ବାଲିଗୁଡା ଗ୍ରାମ୍ୟ କାର୍ଯ୍ୟ ଡିଭିଜନର ସୁପରିଡେଣ୍ଟ ଇଂଜିନିୟରଙ୍କ ପକ୍ଷରୁ ଗଞ୍ଜାମ ଜିଲା ସୋରଡା ତହସିଲଦାର ଓ କନ୍ଧମାଳ ଜିଲା ଦାରିଙ୍ଗବାଡି ତହସିଲଦାରଙ୍କୁ ୧୮ ତାରିଖରେ ଚିଠି ଲେଖାଯାଇଛି । ସେହିପରି ସୁପରିଡେଣ୍ଟ ଇଂଜିନିୟରଙ୍କ ପକ୍ଷରୁ ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ଆଉ ଏକ ଚିଠି ଗଞ୍ଜାମ ଜିଲା ଭଞ୍ଜନଗର ଡିଭିଜନାଲ ଫରେଷ୍ଟ ଅଫିସର ଓ କନ୍ଧମାଳ ଜିଲା ବାଲିଗୁଡା ଡିଭିଜନାଲ ଫରେଷ୍ଟ ଅଫିସରଙ୍କୁ ଚିଠି କରାଯାଇଛି। ଏଥିସହ ଏ ସମ୍ପର୍କରେ ଗଞ୍ଜାମ ଓ କନ୍ଧମାଳ ଜିଲାପାଳଙ୍କୁ ଅବଗତ କରାଯିବା ସହ ଏହା ଉପରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଉକ୍ତ ରାସ୍ତା ପାଇଁ ଆବଶ୍ୟକ ଜମି ନିମନ୍ତେ ସୋରଡା ଓ ଦାରିଙ୍ଗବାଡି ତହସିଲ ଅନ୍ତର୍ଗତ ରାଜସ୍ବ ନିରୀକ୍ଷକମାନଙ୍କ ଯୁଗ୍ମ ତଦନ୍ତ ଆବଶ୍ୟକ ପଡୁଛି । ଯୁଗ୍ମ ତଦନ୍ତ କରି ସରକାରୀ ଜମି ଓ ଜଙ୍ଗଲ ଜମିର ଡିମାରକେଶନ କରିବାକୁ ଉକ୍ତ ଚିଠିରେ ଅନୁରୋଧ କରାଯାଇଛି । ଏଥିପାଇଁ ଏକ ତାରିଖ ନିର୍ଦ୍ଧାରିତ କରିବା ସହ ଏ ସମ୍ପର୍କରେ ପୂର୍ବରୁ ଜଣାଇବାକୁ କୁହାଯାଇଛି । ସେହିପରି ସମ୍ପୃକ୍ତ ଅଞ୍ଚଳର ଫରେଷ୍ଟ ରେଞ୍ଜର ଓ ଇଂଜିନିୟରଙ୍କ ସହ ସମନ୍ୱୟ ରଖି ଏହାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରାଯାଇଛି । ଭଞ୍ଜନଗର ଓ ବାଲିଗୁଡା ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଫରେଷ୍ଟ ରେଞ୍ଜରମାନେ ଜଙ୍ଗଲ ଜମିର ଡିମାରକେଶନ କରିବେ। ଏଥିରେ ସମ୍ପୃକ୍ତ ଅଞ୍ଚଳର ୨ ତହସିଲରଦାର ଓ ସ୍ଥାନୀୟ ଇଞ୍ଜିନିୟରମାନଙ୍କ ସହ ସମନ୍ୱୟ ରଖି ଏହାକୁ ଅତିଶୀଘ୍ର ତ୍ୱରାନ୍ୱିତ କରିବାକୁ ଚିଠିରେ କୁହାଯାଇଛି । ଡିମାରକେସନ ଯେଭଳି ଶୀଘ୍ର ହେଲେ କାମ ଆରମ୍ଭ ହେବ ଏବଂ ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ଉକ୍ତ ରାସ୍ତାରେ ଗମନାଗମନ ସୁବିଧା ନ ଥିବା ଯୋଗୁଁ ଆଦିବାସୀ ବହୁଳ ଗାଁର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ରହିଆସୁଛନ୍ତି। ଅନ୍ୟପକ୍ଷରେ ସରକାରୀ ଅଫିସର ଓ କର୍ମଚାରୀ ଚାହିଁଲେ ମଧ୍ୟ ଉକ୍ତ ଅଂଚଳକୁ ଯାଇପାରୁନାହାନ୍ତି । ଆଦିବାସୀ ଲୋକେ ଜଙ୍ଗଲ ରାସ୍ତା ଦେଇ ଗଞ୍ଜାମ ଓ କନ୍ଧମାଳ ଜିଲାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଆଡିପଙ୍ଗା ଓ ଆଖପାଖ ଆଦିବାସୀ ଗାଁର ଲୋକେ ସୋରଡା ବ୍ଲକ ଗାଜଲବାଡି ପଞ୍ଚାୟତ ଅଫିସକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉଭୟ ଆଡିପଙ୍ଗା ଓ କେରୁବାଡି ଅଞ୍ଚଳ ସମେତ ମହୁଲପଲ୍ଲୀ, ବାଙ୍ଗରା, ରମନାବାଡି, ଗୋବାଙ୍ଗି, ମାଙ୍କଡଖାରି, ଆଡିଗୁଡ ଅଞ୍ଚଳର ଆଦିବାସୀମାନେ ଗାଜଲବାଡି ଉପରେ ବଜାର ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ନିର୍ଭର କରୁଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଭର୍ତ୍ତି ଭ୍ୟାନ୍ ଓଲଟିଲା



ଭଞ୍ଜନଗର,୨୦।୪(ଡି.ଏନ୍.ଏ.) ଭଞ୍ଜନଗର ଥାନା ଅନ୍ତର୍ଗତ ଗୁଜୁରାଳି ଗ୍ରାମ ନିକଟରେ ବୁଧବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗଞ୍ଜାମ- କନ୍ଧମାଳ ସୀମାନ୍ତ ଦୁର୍ଗାପ୍ରସାଦ ନିକଟରେ ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ କନ୍ଧମାଳ ଜିଲା ପଟୁ ଆସୁଥିବା ଏହି ପିକ୍‌ଅପ୍ ଭ୍ୟାନଟି ପୋଲିସ ଗାଡି ଦେଖି ବ୍ରାହ୍ମଣପଦର,ଗାଲେରୀ ରାସ୍ତା ଦେଇ ଭଞ୍ଜନଗର ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗୁଜୁରାଳି ନିକଟରେ ଓଲଟି ପଡିଥିଲା। ଏହି ମାମଲାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଛି ।

### ରାଇସ ମିଲ୍‌ରେ ଅଗ୍ନିକାଣ୍ଡ

ଦିଗପହଣ୍ଡି,୨୦।୪(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ ଓଡାସିଙ୍ଗି ଗ୍ରାମ ନିକଟରେ ଥିବା ଟି. ମହେଶ୍ୱର ପାତ୍ରଙ୍କ ଉଜ୍ଜ୍ୱଳେଶ୍ୱର ରାଇସ ମିଲରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ବେଳେ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧାନ ଜଳିଯାଇଛି। ଦିଗପହଣ୍ଡି - ଟିକିଟି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏହି ରାଇସ ମିଲ୍ ମାଲିକ ଓ କର୍ମଚାରୀ ମାନେ ପ୍ରତ୍ୟେକ ଦିନ ଭଳି ମଙ୍ଗଳବାର ରାତିରେ ନିଜ କାମ ସାରି ଘରକୁ ଚାଲିଯାଇଥିଲେ। ୨ ଜଣ ରାତ୍ରି ଜଗୁଆଳ ରଙ୍କ ସେଠୀ ଓ ମଧୁ ରେଡ୍ଡୀ ମିଲ ବାହାରେ ଶୋଇଥିଲେ। ତେବେ ରାତି ପ୍ରାୟ ୩ ଟାରେ ରଙ୍କ ସେଠୀ ବାହାରକୁ ଉଠିଥିବା ବେଳେ ମିଲରେ ନିଆଁ ଲାଗିଥିବା ଜାଣିଥିଲେ। ଏ ନେଇ ରଙ୍କ ମିଲ୍ ମାଲିକ ଟି.ମହେଶ୍ୱର ପାତ୍ରଙ୍କୁ ଖବର ଦେଇଥିଲେ। ଏହାପରେ ମାଲିକ ମିଲ୍ ନିକଟରେ ପହଞ୍ଚି ଦିଗପହଣ୍ଡି ଅଗ୍ନିଶମ ବିଭାଗକୁ ଫୋନ୍ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଲରେ ଗଚ୍ଛିତ ଥିବା ପ୍ରାୟ ୫ ଶହ ଧାନ ବସ୍ତା ଭସ୍ମୀଭୂତ ହୋଇଯାଇଛି।

### ତହସିଲ ପକ୍ଷରୁ ଇଟାଭାଟି ଉପରେ ଚଢ଼ାଉ

ଜଗନ୍ନାଥପ୍ରସାଦ,୨୦।୪(ଡି.ଏନ.ଏ.)- ଜଗନ୍ନାଥପ୍ରସାଦ ତହସିଲ ପକ୍ଷରୁ ଝାଡ଼ଭୂମି ରାଜସ୍ୱ ସର୍କଲର କାଳିଞ୍ଜି ନୂଆପଲ୍ଲୀ ଓ କାଦପଡା ଅଞ୍ଚଳରେ ଗଢି ଉଠିଥିବା ବେଆଇନ ମାଟିଇଟା ଭାଟି ଉପରେ ବୁଧବାର ଚଢ଼ାଉ କରାଯାଇଛି। ୨ଟି ଭାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିବା ଓ ଅର୍ଥଦଣ୍ଡ ଆକାରରେ ୪୫,୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବିଗତ କିଛି ଦିନ ହେଲା ଏହି ବେଆଇନ ମାଟି ଇଟାର ମାଲିକମାନେ ବେଧଡ଼କ ବ୍ୟବସାୟ କରିଆସୁଥିଲେ। ଯାହାର ଖବର ପାଇ ଜଗନ୍ନାଥପ୍ରସାଦ ତହସିଲଦାର ମନୋଜ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ବାରିଆଲ ମୁର୍ମୁ ଓ ଝାଡ଼ଭୂମି ରାଜସ୍ୱ ନିରୀକ୍ଷକ ପ୍ରଦୀପ ବେହେରା ଚଢ଼ାଉ କରି ଜେସିବି ସହଯୋଗରେ ଇଟାଭାଟିକୁ ଉଚ୍ଛେଦ କରିଥିଲେ।

## ବିଦ୍ୟୁତ୍ ତାର ଲାଗି ରୋଷେୟା ମୃତ

**ପାତ୍ରପୁର,୨୦।୪(ଡି.ଏନ.ଏ.)**

ଜରଡ଼ା ଥାନା ଗୁଣ୍ଡୁରା ଗ୍ରାମରେ ବୁଧବାର ଭୋର୍‌ରେ ବିଦ୍ୟୁତ୍ ତାର ଲାଗି ଜଣେ ରୋଷେୟାଙ୍କ ମୃତ୍ୟୁ ଘଟିଛି। ମୃତ ରୋଷେୟା ହେଲେ ଦିଗପହଣ୍ଡି ବ୍ଲକ ଧାନରାସି ଗ୍ରାମର ନୂତନ ସାହୁ (୩୩)। ଗୁଣ୍ଡୁରା ଗ୍ରାମର ଜଣେ ବ୍ୟକ୍ତିଙ୍କ ବାହାଘର ଭୋଜି ରୋଷେଇ କରିବା ପାଇଁ ନୂତନ ଯାଇଥିଲେ। ପାହାନ୍ତିଆ ସମୟରେ ଗରମ ହେବା ଯୋଗୁ ପାଖରେ ଥିବା ପଙ୍ଖା ଲଗେଇବା ପାଇଁ ଚେଷ୍ଟା କରିଥିଲେ। ସେ ସମୟରେ ହାତରେ ବିଦ୍ୟୁତ୍ ତାର ଲାଗିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପାତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

## କଖାରୁ ବୋଝେଇ ଟ୍ରକ୍ ଓଲଟି ହେଲ୍‌ପର ଗୁରୁତର

**ଖଲ୍ଲିକୋଟ,୨୦।୪(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଡ଼ଘାଟି ଉପରେ ବୁଧବାର ଏକ କଖାରୁ ବୋଝେଇ ଟ୍ରକ ଓଲଟି ପଡ଼ିବାରୁ ହେଲପର ଗୁରୁତର ହୋଇଛନ୍ତି। ଟ୍ରକ (ନଂ ଟିଏନ୬୧ଏଚ୍୨୫୨୬) ରେ କଖାରୁ ବୋଝେଇ ହୋଇ ତାମିଲନାଡୁରୁ ଖଡ଼ଗପୁର ଯାଉଥିଲା। ପଛ ଟାୟାର ଫାଟିଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡ଼ିଥିଲା। ଡ୍ରାଇଭର ତଥା ଗାଡ଼ି ମାଲିକ ବି. ସତିଶ, ହେଲପର ଜି. ଅର୍ଜୁନ ଗାଡ଼ି ଭିତରେ ଫସି ରହିଥିଲେ। ହାଇୱେ ପାଟ୍ରୋଲିଂ ପୋଲିସ ଏସ୍‌ଆଇ ମୃତ୍ୟୁଞ୍ଜୟ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡିକାଲ ନିଆଯାଇଥିଲା। ବଡ଼ଘାଟି ରାସ୍ତା ପାର୍ଶ୍ୱରେ ଗାର୍ଡ଼ୱାଲ ନଥିବାରୁ ମାସକ ଭିତରେ ୫ଟି ଦୁର୍ଘଟଣା ଘଟିଲାଣି। କିଛିଦିନ ହେବ ଏକ ଅଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ତଳ ରୋଡ୍‌ରେ ଆସି ପଡି ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ରାସ୍ତା ପାର୍ଶ୍ୱରେ ଗାଡୱାଲ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପଥରରେ ନିର୍ମାଣ ହେବ ପୋତାଗଡ଼ ମୁଖ୍ୟ ଫାଟକ

## ନିର୍ମାଣ କାର୍ଯ୍ୟ ଶୀଘ୍ର, ୬ କୋଟି ୯୭ ଲକ୍ଷ ବ୍ୟୟ ଅଟକଳ

**ଗଞ୍ଜାମ,୨୦।୪(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଐତିହାସିକ ପୋତାଗଡ଼ର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଏହି ଐତିହାସିକ ପୋତାଗଡ଼ ଉନ୍ନତି କରଣ ପାଇଁ ୬ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳ ହୋଇଥିବା ତହସିଲ ଅଫିସ ପକ୍ଷରୁ କୁହାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ପୋତାଗଡ଼ ପରିଦର୍ଶନରେ ଆସି ଓଡ଼ିଶା ସରକାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ତି। ଆକର୍ଷଣୀୟ ପଥରରେ ପୋତାଗଡ଼ର ମୁଖ୍ୟ ଫାଟକ ନିର୍ମାଣ ହେବ ଏବଂ ଜଳସେଚନ ବିଭାଗ ପକ୍ଷରୁ ରଷିକୂଲ୍ୟା ନଦୀକୁ ଖନନ କରାଯାଇ ବୋଟିଂ କ୍ଲବ ନିର୍ମାଣ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଏଥିସହିତ ସେଠାରେ ଫୁଡ ପ୍ଲାଜା, ଶିଶୁ ଉଦ୍ୟାନ, ବରିଷ୍ଠ ନାଗରିକ ପ୍ରାତଃ ବ୍ରହ୍ମଣ ପାଇଁ ଚତୁଃପାର୍ଶ୍ୱ ଆଲୋକିକରଣ ଆଦି ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି ପର୍ଯ୍ୟଟନ ବିଭାଗ। ଏହାପରେ ପ୍ରମୁଖ ଶାସନ ସଚିବ ଛତ୍ରପୁର ନିକଟ ତାମ୍ପରା ହ୍ରଦକୁ ବୁଲି ଦେଖିଥିଲେ। ସଚିବଙ୍କ ପରିଦର୍ଶନ ବେଳେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ୍, ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ଜଳ ପ୍ରଭାରୀ ତଥା ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଅଶ୍ୱିନୀ କୁମାର ମହାପାତ୍ର, ରଷିକୁଲ୍ୟା ବାହୁଦା ବଂଶଧରା ନାଗାବଳୀ ବେସିନ୍ ତଥା (ଆର୍ବିଭିଏନ, ବ୍ରହ୍ମପୁର) ଡିଭିଜନର ମୁଖ୍ୟ ଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ପୋତାଗଡ଼ ଉନ୍ନୟନ କମିଟି ସଦସ୍ୟ ରାକେଶ ରଞ୍ଜନ ଦାସ, ସୁଧୀର କୁମାର ପାଢ଼ୀ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପୋତାଗଡ଼ ପରିଦର୍ଶନ କରୁଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ।

# ବିଭାଗୀୟ ସଚିବଙ୍କ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ପରିଦର୍ଶନ

**ଆର.ଉଦୟଗିରି,୨୦।୪(ଡି.ଏନ.ଏ.)**

ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲିଗଡ଼ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଗତ କିଛିଦିନ ଧରି ଆରମ୍ଭ ହୋଇଛି। ପ୍ରକଳ୍ପର ଟନେଲ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସୁରୁଖୁରୁରେ ଚାଲିଥିବା ବେଳେ ଏହି କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ବହୁ ବଡ଼ ବଡ଼ ଅଧିକାରୀଙ୍କ ସମେତ ବହୁ ନେତାମନ୍ତ୍ରୀ ଆସି ପରିଦର୍ଶନ କରି ଫେରିଛନ୍ତି। ମଙ୍ଗଳବାର ଜଳସେଚନ ବିଭାଗ ସଚିବ ନିଜେ ଆସି ପ୍ରକଳ୍ପ କାର୍ଯ୍ୟ ଦେଖି ସନ୍ତୋଷ ପ୍ରକାଶ କରିଛନ୍ତି। ସଚିବ ଅନୁ ଗର୍ଗ ପ୍ରକଳ୍ପର ପରିପାର୍ଶ୍ୱିକ ସ୍ଥିତି ସହ କାର୍ଯ୍ୟ ଚାଲୁରହିଥିବା ଟନେଲ କାର୍ଯ୍ୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ସଚିବଙ୍କ ସହ ଜିଲା ଅତିରିକ୍ତ ଜିଲାପାଳଙ୍କ ସମେତ ପ୍ରକଳ୍ପ ଅଧିକ୍ଷଣ ଯନ୍ତ୍ରୀ ନଗେନ୍ଦ୍ରନାଥ ମହାରଣାଙ୍କ ସମେତ ମୋହନା ବ୍ଲକ ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନୀଲ ବିଷୋୟୀ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଛନ୍ତି।

# ଆସିକା ପଞ୍ଚାୟତ ସମିତିର ପ୍ରଥମ ବୈଠକ

**ଆସିକା,୨୦।୪(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ପରେ ବୁଧବାର ଆସିକା ପଞ୍ଚାୟତ ସମିତିର ପ୍ରଥମ ବୈଠକ ବ୍ଲକ ସଭା ଗୃହଠାରେ ଅନୁଷ୍ଠିତ ହୋଇଥିଲା । ନବନିର୍ବାଚିତ ଅଧକ୍ଷା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ଲକ ଉପାଧକ୍ଷା ରେସମା ଦୋରା, ବିଡିଓ ରୋସନ ଶତପଥୀ, ବ୍ଲକ ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଜଳ ଓ ପରିମଳ, ପାନୀୟଜଳ ବ୍ୟବସ୍ଥା, ବିଭିନ୍ନ ଯୋଜନା, ଅର୍ଥ ଆଦିର ସୁପରିଚାଳନା ନିମନ୍ତେ ସ୍ଥାୟୀ କମିଟି ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ସହଯୋଗ କରିବା ଲାଗି ଅଧକ୍ଷା ନାହାକ ନିବେଦନ କରିଥିଲେ। ଜିଲା ପରିଷଦ ସଭ୍ୟ ତନ୍ମୟୀ ନାହାକ, ଅନିମା ପରିଡା, ସୌଦାମିନି ନାୟକ, ମନୋଜ କୁମାର ଦୋରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ ।




ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି ।

## ନୂଆଗଡ଼ ପଞ୍ଚାୟତ ସମିତି ବୈଠକ

**ନୂଆଗଡ଼,୨୦।୪**

ତ୍ରିସ୍ତରୀୟ ନିର୍ବାଚନ ପରେ ମଙ୍ଗଳବାର ପ୍ରଥମ କରି ଗଜପତି ଜିଲା ନୂଆଗଡ଼ ପଞ୍ଚାୟତ ସମିତି ସଦଭାବନା ସଭାଗୃହ ମଧ୍ୟରେ ବ୍ଲକ ଅଧକ୍ଷା ମାଳତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ରାଜୀବ ଦୋରା, ଉପାଧ୍ୟକ୍ଷ ନିହୀମିୟା ରଇତ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବନେନ୍ଦୁ ମହାନ୍ତି, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଭାକର ସାହୁ ଯୋଗଦାନ କରିଥିଲେ। ତତ୍ପରେ ଯୋଗଦାନ କରିଥିବା ସମସ୍ତଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ପ୍ରଥମେ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଭାକର ସାହୁ ପୂର୍ବ ବୈଠକର ବିବରଣି ପାଠ କରି ଶୁଣାଇଥିଲେ। ବୈଠକରେ ୧୯ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ସେବକ ଏବଂ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଉପସ୍ଥିତ ଥିଲେ।

# ୨ ଗୋଷ୍ଠୀ ସଂଘର୍ଷରେ ୫ ଆହତ, ୪ ଗିରଫ

**ବୁଗୁଡ଼ା,୨୦।୪(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ପଞ୍ଚାୟତର ରାଜୀବଗାନ୍ଧୀ ସେବା କେନ୍ଦ୍ର ପଛ ପଟରେ ୨ ଗୋଷ୍ଠୀ ମଧ୍ୟରେ ଘୁଷୁରି ଚୋରି ଘଟଣାକୁ ନେଇ ସଂଘର୍ଷ ଘଟିଥିଲା। ଏଥିରେ ୫ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଷୋଳମଇଲି ଗ୍ରାମର ହାଡିଆ ପାତ୍ର, ଭିକାରୀ ପାତ୍ର ଓ ଦଣ୍ଡପାଣି ପାତ୍ର ଏବଂ ଗୋଲିଆ ଗ୍ରାମର ରଞ୍ଜନ ପାତ୍ର ଓ ଟୁକୁନା ପାତ୍ର। ପୋଲିସ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରି ଗିରଫ ୪ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ୨ଟି ଟାଙ୍ଗିଆ, ୩ଟି କାତି ଓ ୨ ଠେଙ୍ଗା ଜବତ କରାଯାଇଛି। ଗିରଫ ୪ ଜଣ ହେଲେ ଗୋଲିଆ ଗ୍ରାମର ସବିତା ପାତ୍ର, ରଞ୍ଜନ ପାତ୍ର, ଟୁକୁନା ପାତ୍ର ଓ ଷୋଳମଇଲି ଗ୍ରାମର କସ୍ତୁରୀ ପାତ୍ର। ପ୍ରକାଶ ଯେ, ପ୍ରାୟ ୩ ମାସ ତଳେ ପାଙ୍ଗିଡ଼ି ଗ୍ରାମ ମଶାଣି ନିକଟରୁ ଭିକାରୀ ପାତ୍ରଙ୍କ ୩୫ଟି ଘୁଷୁରି ଚୋରି ହୋଇଯାଇଥିବା ନେଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ପାଙ୍ଗିଡ଼ିରୁ ଘୁଷୁରି ଚୋରିର ଶିକାର ହୋଇଥିବା ଭିକାରି ପାତ୍ରଙ୍କ ଛଅ ଜଣିଆ ଗୋଷ୍ଠୀ ଅଚାନକ ଗୋଲିଆ ଗ୍ରାମର ରାଜୀବଗାନ୍ଧୀ ସେବା କେନ୍ଦ୍ର ପଛ ପଟେ ଥିବା ଦଣ୍ଡପାଣି ପାତ୍ରଙ୍କ ଘରେ ପହଞ୍ଚି ଘୁଷୁରି ଚୋରି ସମ୍ପର୍କରେ ପଚାରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଚରମ ସୀମାରେ ପହଞ୍ଚିବା ପରେ ଆକ୍ରମଣ ଓ ପ୍ରତିଆକ୍ରମଣରେ ଉଭୟ ଗୋଷ୍ଠୀର ଲୋକେ ରକ୍ତାକ୍ତ ଅବସ୍ଥାରେ ବୁଗୁଡା ମେଡିକାଲରେ ପହଞ୍ଚିଥିଲେ। ଏ ନେଇ ଦଣ୍ଡପାଣିଙ୍କ ଅଭିଯୋଗ କ୍ରମେ ଭିକାରୀ ପାତ୍ରଙ୍କ ଗୋଷ୍ଠୀର ୬ ଜଣଙ୍କ ନାମରେ ବୁଗୁଡ଼ା ଥାନାରେ ନଂ. ୨୧୫/୨୨ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଭିକାରୀ ପାତ୍ରଙ୍କ ପୁଅ ପାଣ୍ଡାଙ୍କ ଅଭିଯୋଗ କ୍ରମେ ଦଣ୍ଡପାଣି ଗୋଷ୍ଠୀର ୪ ଜଣଙ୍କ ନାମରେ ନଂ ୨୧୬/୨୨ରେ ଏକ ମାମଲା ରୁଜୁ ହୋଇଛି।

# ଦାରିଙ୍ଗବାଡ଼ିରେ ପାନ୍ଥନିବାସ ପରିଚାଳନା କରିବ ଟିମ୍ ଗ୍ରୁପ୍

## ପର୍ଯ୍ୟଟନ ବିଭାଗ ସହ ହେଲା ବୁଝାମଣା ସ୍ୱାକ୍ଷର



ପର୍ଯ୍ୟଟନ ବିଭାଗ ଓ ଟିମ୍ ମଧ୍ୟରେ ବୁଝାମଣା ସ୍ୱାକ୍ଷର ।

**ଭୁବନେଶ୍ୱର,୨୦।୪(ବ୍ୟୁରୋ):**

ଖୁବ୍‌ଶୀଘ୍ର ପର୍ଯ୍ୟଟକମାନେ ଅତ୍ୟାଧୁନିକ ପରିବେଶରେ ଦାରିଙ୍ଗବାଡ଼ିର ସୌନ୍ଦର୍ଯ୍ୟର ମଜା ଉଠାଇବେ। ଏଥିପାଇଁ ଏଠାରେ ଥିବା ପାନ୍ଥନିବାସ ପୁନଃ କାର୍ଯ୍ୟକ୍ଷମ ହେବ। ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଟିମ୍ ଗ୍ରୁପ୍'କୁ ଏଠାକାର ପର୍ଯ୍ୟଟନ ପ୍ରକଳ୍ପର ନବୀକରଣ ଓ ପରିଚାଳନା ଦାୟିତ୍ୱ ଦିଆଯାଇଛି। ୩୦ବର୍ଷ ପାଇଁ ଏହି ସଂସ୍ଥା ପରିଚାଳନା କରିବ। ଏଥିନିମନ୍ତେ ପର୍ଯ୍ୟଟନ ବିଭାଗ ଏବଂ ଟିମ୍ ଆଡମାର୍କ ଇନ୍‌ଫ୍ରାକନ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ସୋମବାର ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି।

ଏହି ଅବସରରେ ଟିମ୍‌ର ଅଧକ୍ଷ ନିଶିକାନ୍ତ ମିଶ୍ର କହିଛନ୍ତି, ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ସୁଯୋଗ ଓ ସମ୍ଭାବନା ରହିଛି। ଓଡ଼ିଶାରେ ଦାରିଙ୍ଗବାଡ଼ି ପ୍ରକୃତିର ଅନ୍ୟତମ ସ୍ଥାନ। ଏଠାକୁ ବହୁ ପର୍ଯ୍ୟଟକ ଯାଉଥିଲେ ମଧ୍ୟ ସେଠାରେ ରାତ୍ରିଯାପନ ପାଇଁ ବ୍ୟାପକ ସୁବିଧା ନାହିଁ। ଫଳରେ ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି। ସେଠାରେ ପାନ୍ଥନିବାସକୁ ନବୀକରଣ କରାଯାଇ ତାକୁ ନୂଆ ରୂପ ଦିଆଯିବା ସହ ସମସ୍ତ ପ୍ରକାର ଗୁଣାତ୍ମକ ସୁବିଧା ଉପଲବ୍ଧ କରାଯିବ। ଏହି ପ୍ରକଳ୍ପରେ ବିଳାସପୂର୍ଣ୍ଣ ଟେଣ୍ଟ୍ କଟେଜ୍ ମଧ୍ୟ ନିର୍ମାଣ ହେବ। ରାଜ୍ୟ ପର୍ଯ୍ୟଟନ ବିଭାଗର ସହଭାଗିତାରେ ପୂର୍ବରୁ ହୋଇଥିବା ଭୁବନେଶ୍ୱର-ପୁରୀ ରାସ୍ତାର ପଟ୍ଟନାୟକିଆ ଛକରେ 'ଯାଯାବର' ପ୍ରଥମ ପ୍ରକଳ୍ପ ହୋଇଥିବାବେଳେ ଦାରିଙ୍ଗବାଡ଼ି ହେଉଛି ଦ୍ୱିତୀୟ। ବୁଝାମଣା ସ୍ୱାକ୍ଷର ସମୟରେ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଓ ଟିମ୍ ଗ୍ରୁପର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ିରେ ୫ଏକର ଜାଗା ଉପରେ ନିର୍ମିତ ଏହି ପର୍ଯ୍ୟଟନ କମ୍ପ୍ଲେକ୍ସରେ ଏବେ ୪ଟି ରୁମ୍ ଓ ଗୋଟିଏ ଷ୍ଟାଫ୍ କ୍ୱାର୍ଟର୍ସ ଥିବାବେଳେ ତାହା ଅବ୍ୟବହୃତ ଅବସ୍ଥାରେ ପଡ଼ିଛି। ଏବେ ଏହାର ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ସମ୍ପୂର୍ଣ୍ଣ ନବୀକରଣ କରି ନୂଆ କୋଠା ନିର୍ମାଣ କରିବ।

## ବଟି ମାଗିବା ଅଭିଯୋଗରେ ୨ ଗିରଫ

**ଆର.ଉଦୟଗିରି,୨୦।୪(ଡି.ଏନ.ଏ.)**

ଛେଲିଗଡ ଜଳ ପ୍ରକଳ୍ପ ନିର୍ମାଣ ସକାଶେ କୁଆଁପଡା ଗ୍ରାମ ନିକଟରେ ସାରଳା ପ୍ରୋଜେକ୍ଟ ତରଫରୁ କାମ ଚାଲିଛି। ଉକ୍ତ କ୍ୟାମ୍ପର ମ୍ୟାନେଜର ବିଏଚ୍ ନାଗରାଜୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି। ଗତ ୧୮ ତାରିଖ ସନ୍ଧ୍ୟାରେ ଉକ୍ତ କ୍ୟାମ୍ପକୁ ଆସି ନାଗରାଜୁଙ୍କୁ ୪୦ ହଜାର ଟଙ୍କା ବଟି ମାଗିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ତପ୍ତପାଣିର ସନ୍ତୋଷ କୁମାର ପାଣିଗ୍ରାହୀ ଓରଫ ମୁନା ଏବଂ ମହେନ୍ଦ୍ରଗଡର କୁରେଶ ଦଳାଇ। ବଟି ନ ଦେଲେ ଉଭୟେ ନାଗରାଜୁଙ୍କୁ ଜୀବନରେ ମାରି କରିଦେବେ ଏବଂ ଗାଡି, ମଟର ପୋଡି କାମ ବନ୍ଦ କରିବେ ବୋଲି ଉଭୟେ ଧମକ ଦେଇ ଚାଲି ଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ଉଭୟେ ପୁଣି ଜୋରଜବରଦସ୍ତ କ୍ୟାମ୍ପ ଭିତରେ ପଶି ମ୍ୟାନେଜରଙ୍କୁ ବଟି ମାଗିଥିଲେ। ବଟି ନ ଦେଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିଲେ। ମ୍ୟାନେଜର କୌଣସି ପ୍ରକାରେ ଖସି ଆସି ଏ ନେଇ ଆର.ଉଦୟଗିରି ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ ନଂ. ୫୩/୨୨ ପୋଲିସ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲଣ କରାଯାଇଛି।

# ନବନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

**ଦାରିଙ୍ଗବାଡ଼ି,୨୦।୪(ଡି.ଏନ.ଏ)**

ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ୪ ବ୍ଲକ ସମେତ ଗୋଟିଏ ଏନ୍‌ଏସିର ନବନିର୍ବାଚିତ ସମସ୍ତ ଲୋକ ପ୍ରତିନିଧିଙ୍କୁ ବୁଧବାର ଦାରିଙ୍ଗବାଡ଼ି ମିଶ୍ର କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଜେଡିର ରାଇକିଆ ବ୍ଲକ ସଭାପତି ରାଜମୋହନ ଦିଗାଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଟିକାବାଲି ବ୍ଲକ ଅଧକ୍ଷ ଦିଲୀପ କୁମାର ପ୍ରଧାନ, ରାଇକିଆ ବ୍ଲକ ଅଧକ୍ଷ ପ୍ରୀତମ ଚନ୍ଦ୍ର ପ୍ରଧାନ, ଦାରିଙ୍ଗବାଡ଼ି ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜି.ଉଦୟଗିରି ଏନ୍‌ଏସିର ଅଧକ୍ଷା ଭାନୁପ୍ରଭା ମିଶ୍ର, ଉପାଧକ୍ଷ ସନ୍ତୋଷ କୁମାର ବାଗ, ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମସ୍ତ ନବନିର୍ବାଚିତ ପ୍ରତିନିଧିଙ୍କୁ ବିଧାୟକ ଅଙ୍ଗବସ୍ତ୍ର ଏବଂ ପୁଷ୍ପ ଦେଇ ସମ୍ବର୍ଦ୍ଧନା କରିଥିଲେ। ସେହିପରି ଜିଲାପରିଷଦ ସଦସ୍ୟ ରାଇକିଆ ବ୍ଲକର ମମତାରାଣୀ ପ୍ରଧାନ ଜି.ଉଦୟଗିରିରେ ଲିଲିମା ପ୍ରଧାନ ଏବଂ ଦାରିଙ୍ଗବାଡ଼ିର ରଞ୍ଜନ କୁମାର ପ୍ରଧାନଙ୍କ ସମେତ ବ୍ଲକ ସଭାପତି ଦାରିଙ୍ଗବାଡ଼ିର ଜ୍ୟୋତିରାଜ ପ୍ରଧାନ, ଜି.ଉଦୟଗିରିର ଲିଙ୍ଗରାଜ କହଁର, ଟିକାବାଲିର ରୋଦନ ମଲ୍ଲିକ ଏବଂ ରାଇକିଆର ରାଜମୋହନ ଦିଗାଲଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ଉକ୍ତ ନିର୍ବାଚନ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ନାଏବ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦୀପକ କୁମାର ସାହୁ, ରୁପକ କୁମାର ସାହୁ, ରୋଶନ ନାୟକ, ବାବୁନି ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଂଗ୍ରେସ ଛାଡ଼ି କରଡ଼ା ସରପଞ୍ଚ ସାନୁଜ ପ୍ରଧାନ, ବଡ଼ବାରବାର ସମିତି ସଭ୍ୟ ନାରାୟଣ ଦଳେଇ, ନରେନ୍ଦ୍ର ଚୌଧରୀ, ରଣବା ନାଏବ ସରପଞ୍ଚ ଶ୍ରୀକାନ୍ତ ବିଷୋୟୀ ଭାଜପାର ଗାନ୍ଧି ପାଣିଗ୍ରାହୀ, ବାବୁଲା ଦଳ ବେହେରା ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।




ବିଭିନ୍ନ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

